# NATIONAL NEWS BULLETIN (ODIA)

## 29 April - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଜାରି ରହିଛି ମତଗ୍ରହଣ ।
- ଉତ୍ତରପ୍ରଦେଶର ହରଦୋଇଠାରେ ଗଙ୍ଗା ଏକ୍ସପ୍ରେସ୍ ୱେ'ର ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ଶିକ୍ଷା ଅଧିକାର ଆଇନ୍ ଅଧୀନରେ ଦୁର୍ବଳ ଓ ପଛୁଆବର୍ଗର ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ନାମଲେଖାଇବାକୁ ଅନୁମତି ଦେବା ବାଧ୍ୟତା ମୂଳକ, କହିଲେ ସୁପ୍ରିମ୍‌କୋର୍ଟ୍ ।
- ଭାରତର ସର୍ବାଧିକ ରପ୍ତାନୀ ଉତ୍ପାଦ ପାଲଟିଛି ସ୍ମାର୍ଟ୍‌ଫୋନ୍, ସୂଚନା ଦେଲେ ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି. ମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍‌କୁ ୬ ୱିକେଟ୍‌ରେ ପରାସ୍ତ କଲା ରାଜସ୍ଥାନ ରୟାଲ୍ସ ।

# ଇଲେକ୍ସନ୍

ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ ଜାରି ରହିଛି । ସକାଳ ୭ଟାରୁ ଆରମ୍ଭ ହୋଇଥିବା ମତଦାନ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ଏହି ପର୍ଯ୍ୟାୟରେ ୧୪୨ଟି ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ କରାଯାଉଛି । ୩ କୋଟି ୨୨ ଲକ୍ଷରୁ ଅଧିକ ଭୋଟର ଏହି ପର୍ଯ୍ୟାୟରେ ୧ ହଜାର ୪୪୮ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ଭୋଟରଙ୍କ ମଧ୍ୟରେ ୪ ଲକ୍ଷ ୧୨ ହଜାରରୁ ଅଧିକ ୧୮ରୁ ୧୯ ବର୍ଷ ବର୍ଗର ଯୁବ ମତଦାତା ପ୍ରଥମଥର ପାଇଁ ମତାଧିକାର ସାବ୍ୟସ୍ତ କରିବେ । ପାଖାପାଖି ୩ ହଜାର ୨୦୦ ଭୋଟର  ୧୦୦ କିମ୍ବା ତାଠାରୁ ଅଧିକ ବୟସ୍କ ବୋଲି ଜଣାପଡ଼ିଛି ।

ମୁକ୍ତ, ଅବାଧ ଏବଂ ନିରପେକ୍ଷ ମତଦାନକୁ ସୁନିଶ୍ଚିତ କରିବା ପାଇଁ ନିର୍ବାଚନ କମିଶନ୍ଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଅଢ଼େଇ ହଜାର କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ ଏବଂ ୬ ହଜାରରୁ ଅଧିକ ତ୍ୱରିତ କ୍ରିୟାନୁଷ୍ଠାନ ଦଳ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ହୋଇଛନ୍ତି । ପ୍ରତ୍ୟେକ ମତଦାନ କେନ୍ଦ୍ରରେ ସି.ସି. ଟିଭି ଲଗାଯାଇଛି ।

ପ୍ରଥମ ପର୍ଯ୍ୟାୟରେ ଗତ ୨୩ ତାରିଖରେ ରେକର୍ଡ଼ ସଂଖ୍ୟକ ୯୩ ଦଶମିକ୍ ୧/୯ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ ।

ପଶ୍ଚିମବଙ୍ଗର ଦୁଇଟିଯାକ ପର୍ଯ୍ୟାୟକୁ ମିଶାଇ । କେରଳମ୍, ଆସାମ, ତାମିଲନାଡୁ, କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ଏବଂ ଅନ୍ୟାନ୍ୟ ଉପନିର୍ବାଚନ ଗୁଡ଼ିକର ଭୋଟ ଗଣତି ଆସନ୍ତା ମାସ ୪ ତାରିଖରେ ଅନୁଷ୍ଠିତ ହୋଇ ଫଳାଫଳ ପ୍ରକାଶ ପାଇବ ।

## ପିଏମ୍-ୟୁପି ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତର ପ୍ରଦେଶର ହରଦୌଇଠାରେ ଗଙ୍ଗାଏକ୍ସପ୍ରେସ୍ ୱେର ଉଦ୍‌ଘାଟାନ କରିବେ । ଏହି ଅବସରରେ ଏକ ଜନସମାବେଶକୁ ସେ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ଉତ୍ତରପ୍ରଦେଶକୁ ଦୁଇ ଦିନିଆ ଗସ୍ତରେ ଯାଇଥିବା ଶ୍ରୀ ମୋଦୀ ଗତ ସନ୍ଧ୍ୟାରେ ବାରାଣାସୀଠାରେ ମହିଳା ସମ୍ମିଳନୀକୁ ସମ୍ବୋଧନ କରିବା ସହ ୬ ହଜାର ୩୫୦ କୋଟି ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଦୁଇଟି ନୂତନ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳକୁ ଗତକାଲି ଶ୍ରୀ ମୋଦୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

ଆଜି ଉଦ୍‌ଘାଟିତ ହେବାକୁ ଥିବା ଗଙ୍ଗା ଏକ୍ସପ୍ରେସ୍ ୱେ ୩୬ ହଜାର ୨୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି । ୫୯୪ କିଲୋମିଟର ଦୀର୍ଘ ୬ ଲେନ୍ ବିଶିଷ୍ଟ ଏହି ଏକ୍ସପ୍ରେସ୍ ୱେ ପ୍ରବେଶ ନିୟନ୍ତ୍ରିତ ଗ୍ରୀନ୍ ଫିଲ୍ଡ ହାଇସ୍ପିଡ୍ କରିଡ଼ର ହେବା ସହ ରାଜ୍ୟର ସବୁଠାରୁ ଲମ୍ବା ଏକ୍ସପ୍ରେସ୍ ୱେ

ହେବ । ମେରଟ ଏବଂ ପ୍ରୟାଗରାଜ ମଧ୍ୟରେ ଯାତ୍ରାକୁ ଏହି ଏକ୍ସପ୍ରେସ୍ ୱେ ୬ ଘଣ୍ଟାକୁ ହ୍ରାସ କରିବ । ରାଜ୍ୟର ୧୨ଟି ଜିଲ୍ଲାକୁ ଏକ୍ସପ୍ରେସ୍ ୱେ ସଂଯୋଗ କରିବା ସହ ଭାରତୀୟ ବାୟୁସେନା ବିମାନର ଜରୁରୀକାଳୀନ ଉଡ଼ାଣ ଓ ଅବତରଣକୁ ସହଯୋଗ ପ୍ରଦାନ କରିବ । ଏଥିପାଇଁ ସାହାଜାନପୁର ଠାରେ ସାଢ଼େ ତିନି କିଲୋମିଟର ଲମ୍ବ ଏକ ଏକ୍ସପ୍ରେସ୍ ୱେ ପ୍ରକଳ୍ପ ରହିଛି ।

## ଏସ୍‌ସି-ଆଡମିଶନ

ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ଛାତ୍ରଛାତ୍ରୀଙ୍କ ଶିକ୍ଷାନୁଷ୍ଠାନରେ ନାମ ଲେଖାକୁ ଏକ ଜାତୀୟ ମିଶନ୍ ଭାବେ ଗ୍ରହଣ କରିବାକୁ ସୁପ୍ରିମ୍‌କୋର୍ଟ୍ ପରାମର୍ଶ ଦେଇଛନ୍ତି । ବିଚାରପତି ଜଷ୍ଟିସ୍ ପି.ଏମ୍. ନରସିଂହ ଏବଂ ଜଷ୍ଟିସ୍ ଆଲୋକ ଆରାଧେଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି କହିଛନ୍ତି, ଦୁର୍ବଳ ଏବଂ ପଛୁଆବର୍ଗର ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ଅନୁମତି ନ ଦେବା ସମ୍ବିଧାନ ଧାରା ୨୧-ଏ'ର ମୌଳିକ ଅଧିକାରକୁ ଉଲ୍ଲଙ୍ଘନ କରୁଛି ।

ଅଣ-ସହାୟତା ପ୍ରାପ୍ତ ଶିକ୍ଷା ପ୍ରତିଷ୍ଠାନ ସମେତ ଅନ୍ୟାନ୍ୟ ଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକ ରାଜ୍ୟ ସରକାରଙ୍କ ଦ୍ୱାରା ଆବଣ୍ଟିତ ଛାତ୍ରଛାତ୍ରୀଙ୍କୁ ବିଳମ୍ବ ନ କରି ନାମ ଲେଖାଇବାକୁ ଅନୁମତି ଦେବାକୁ ଆଇନ୍ ଅନୁଯାୟୀ ବାଧ୍ୟ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି । ସମାଜରେ ପରିବର୍ତ୍ତନ ଏବଂ

ସମାନତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଶିକ୍ଷା ଅଧିକାର ଆଇନ୍ ଅଧୀନରେ ଏହି ଛାତ୍ରଛାତ୍ରୀଙ୍କ ପାଇଁ ୨୫ ପ୍ରତିଶତ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ରହିଛି । ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ସୁନିଶ୍ଚିତ କରିବା ଶିକ୍ଷାକୁ କାର୍ଯ୍ୟକାରୀ କରିବାରେ ଆଇନ୍ ଅନୁଯାୟୀ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ବାଧ୍ୟ ବୋଲି ସୁପ୍ରିମ୍‌କୋର୍ଟ୍ କହିଛନ୍ତି । ଲକ୍ଷ୍ନୌ ସ୍ଥିତ ଏକ ଘରୋଇ ସ୍କୁଲ୍ ଦ୍ୱାରା ଦାଖଲ ହୋଇଥିବା ଏ ସଂକ୍ରାନ୍ତ ଆବେଦନକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି । ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ମନୋନୀତ ଛାତ୍ରଛାତ୍ରୀଙ୍କୁ ଏହି ଶିକ୍ଷା ପ୍ରତିଷ୍ଠାନ ନାମ ଲେଖାଇବା ପାଇଁ ଅନୁମତି ପ୍ରଦାନ କରି ନ ଥିଲା ।

## ପ୍ରେସିଡେଣ୍ଟ-ଭିଜିଟ୍

ପ୍ରତିକୂଳ ପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଜି ରୋହତାଙ୍ଗର ଅଟଳ ସୁଡ଼ଙ୍ଗକୁ ପ୍ରସ୍ତାବିତ ଗସ୍ତ ବାତିଲ କରାଯାଇଛି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କ୍ରମାଗତ ଖରାପ ପାଗ, ପ୍ରବଳ ପବନ ଏବଂ ବର୍ଷା ଓ ତୁଷାରପାତର ସମ୍ଭାବନାକୁ ଦୃଷ୍ଟିରେ ରଖି ସୁରକ୍ଷା କାରଣରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ହିମାଚଳ ପ୍ରଦେଶ ଗସ୍ତ ଅବସରରେ ରାଷ୍ଟ୍ରପତି ମୁର୍ମୁ ଅଟଳ ସୁଡ଼ଙ୍ଗ ପରିଦର୍ଶନ କରିବା ଏବଂ

ସୀମା ସଡ଼କ ସଂଗଠନର ଅଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ସ୍ଥିର ହୋଇଥିଲା ।

## ଅଶ୍ୱିନୀ ବୈଷ୍ଣବ-ଏଆଇ ହବ୍

ଭାରତ ବିଶ୍ୱସ୍ତରରେ ଏକ ବିଶ୍ୱସ୍ତ ଇଲେକ୍ଟ୍ରୋନିକ୍ସ ନିର୍ମାଣ ଅଂଶିଦାର ଭାବରେ ଉଭା ହେଉଛି ବୋଲି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଗୁଗୁଲ୍ କ୍ଲାଉଡ୍ ଇଣ୍ଡିଆ ଏ.ଆଇ. ହବ୍‌ର ଭିତ୍ତି ପ୍ରସ୍ତର ସ୍ଥାପନ ଅବସରରେ ଶ୍ରୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମେକ୍ ଇନ୍ ଇଣ୍ଡିଆ ଦୃଷ୍ଟିକୋଣ ଆଧାରରେ ଭାରତ ଏ କ୍ଷେତ୍ରରେ ଦ୍ରୁତ ଅଗ୍ରଗତି କରୁଛି । ଶ୍ରୀ ବୈଷ୍ଣବ କହିଛନ୍ତି, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ଗୁଣବତ୍ତା ସମ୍ପନ୍ନ ଚିପ୍ସ ପ୍ରସ୍ତୁତି ଏବଂ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ପ୍ରଯୁକ୍ତିବିଦ୍ୟା ପଦକ୍ଷେପରେ ଭାରତ ଦ୍ରୁତ ଅଗ୍ରଗତି କରୁଛି । ସଂସ୍କାର ମୂଳକ କେନ୍ଦ୍ରୀୟ ନୀତି ଏବଂ ଦୃଢ଼ ରାଜନୈତିକ ନେତୃତ୍ୱ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ସ୍ମାର୍ଟଫୋନ୍ ଭାରତର ଏକମାତ୍ର ସର୍ବାଧିକ ରପ୍ତାନୀ ଉତ୍ପାଦ ପାଲଟିଛି । ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳରେ ଦେଶର ବର୍ଦ୍ଧିତ

ଶକ୍ତିକୁ ଏହା ପ୍ରତିଫଳନ କରୁଛି । ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକୁ ଏ କ୍ଷେତ୍ରରେ ନିବେଶ ପାଇଁ ଶ୍ରୀ ବୈଷ୍ଣବ ଆହ୍ୱାନ ଦେଇଛନ୍ତି ।

ଦକ୍ଷିଣ ତଟ ରେଳ ଜୋନ୍ ଆନ୍ଧ୍ରପ୍ରଦେଶର ରେଳ ଯୋଗାଯୋଗ କ୍ଷେତ୍ରରେ ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ପ୍ରଦର୍ଶନ କରୁଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଆସନ୍ତା ଜୁନ୍ ପହିଲାରେ ଆନୁଷ୍ଠାନିକ ଭାବେ ଏ ନେଇ ଘୋଷଣା କରାଯିବ । ଏହି ଅବସରରେ ଶ୍ରୀ ବୈଷ୍ଣବ ହାଇସ୍ପିଡ୍ ବୁଲେଟ୍ ଟ୍ରେନ୍ ଉପରେ ଆଲୋକପାତ କରି କହିଛନ୍ତି, ଅମରାବତୀକୁ ହାଇଦ୍ରାବାଦ୍ ଏବଂ ଚେନ୍ନାଇ ସହିତ ଏହି ଟ୍ରେନ୍ ସଂଯୋଗ ସ୍ଥାପନ କରିବ । ଆନ୍ଧ୍ରପ୍ରଦେଶରେ ଏବେ ଏକ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ସେ ସୂଚନା ଦେଇଛନ୍ତି ।

## ଇକ୍ୱେଡ୍‌ର- ଏଫ୍‌ଏମ୍ ଭିଜିଟ୍

ଇକ୍ୱେଡରର ବୈଦେଶିକ ବ୍ୟାପାର ମନ୍ତ୍ରୀ ଗ୍ରାବିଏଲ ସୋମରଫେଲ୍ଡ ଆଜି ତିନିଦିନିଆ ଭାରତ ଗସ୍ତରେ ଆସୁଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଇକ୍ୱେଡରର ମନ୍ତ୍ରୀ ସୋମରଫେଲ୍ଡ ଆଜି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କରଙ୍କ ସହ ସାକ୍ଷାତ ଆଲୋଚନା କରିବେ। ରାଜଘାଟଠାରେ ଗାନ୍ଧୀ ସମାଧିସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ କରିବାର କାର୍ଯ୍ୟସୂଚୀ ରହିଛି।

ଗସ୍ତ ଅବସରରେ ସୋମରଫେଲ୍ଡ’ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି.ନଡ୍ଡା, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋଏଲ ଏବଂ ବୈଦେଶିକ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ପବିତ୍ର ମାର୍ଘେରିଟାଙ୍କ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ଇସ୍ରାଏଲ୍-ହିଜ୍‌ବୋଲ୍ଲା

ହିଜ୍‌ବୋଲ୍ଲା ଆତଙ୍କବାଦୀ ଗୋଷ୍ଠୀର ଏକ ଆଡ୍ଡା ସ୍ଥଳୀକୁ ବିସ୍ଫୋରଣ ମାଧ୍ୟମରେ ନଷ୍ଟ କରିଦିଆଯାଇଛି ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଘୋଷଣା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଗତକାଲି ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ନେତାନ୍ୟାହୁ କହିଛନ୍ତି, ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ପକ୍ଷରୁ ଆତଙ୍କବାଦୀ ଭିତ୍ତିଭୂମି ଗୁଡ଼ିକୁ ନଷ୍ଟ କରି ଦିଆଯାଉଛି । ଏଥିସହ ଆତଙ୍କବାଦୀ ଗୋଷ୍ଠୀର ସଦସ୍ୟ ମଧ୍ୟ ବହୁ ପରିମାଣରେ ନିହତ ହେଉଥିବା ସେ ସୂଚନା ଦେଇଛନ୍ତି । ଗତ ଦଶନ୍ଧି ଧରି ହିଜ୍‌ବୁଲ୍ଲା ନିର୍ମିତ ସୁଡ଼ଙ୍ଗଗୁଡ଼ିକୁ ନଷ୍ଟ କରିଦିଆଯାଇଛି ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ଘୋଷଣା କରିଛି । ଦକ୍ଷିଣ ଲେବାନନର କ୍ୱାଣ୍ଟାରା ଡିଭିଜନ୍‌ରେ ଆତଙ୍କବାଦୀ ଗୋଷ୍ଠୀ ଦ୍ୱାରା ବ୍ୟବହୃତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂତଳ ଆଡ୍ଡା ସ୍ଥଳୀକୁ ଚିହ୍ନଟ କରାଯାଇଥିଲା । ଇରାନ୍‌ର ଆର୍ଥିକ ସହାୟତାରେ ନିର୍ମିତ ଏହି ଆଡ୍ଡା ସ୍ଥଳୀକୁ ଗତକାଲି ୪୫୦ ଟନ୍

ବିସ୍ଫୋରକ ସାହାଯ୍ୟରେ ନଷ୍ଟ କରି ଦିଆଯାଇଛି ବୋଲି ଇସ୍ରାଏଲ୍ ସେନା କହିଛି ।

## ଇସ୍ରାଏଲ୍-ହିଜ୍‌ବୋଲ୍ଲା

ହିଜ୍‌ବୋଲ୍ଲା ଆତଙ୍କବାଦୀ ଗୋଷ୍ଠୀର ଏକ ଆଡ୍ଡା ସ୍ଥଳୀକୁ ବିସ୍ଫୋରଣ ମାଧ୍ୟମରେ ନଷ୍ଟ କରିଦିଆଯାଇଛି ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଘୋଷଣା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଗତକାଲି ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ନେତାନ୍ୟାହୁ କହିଛନ୍ତି, ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ପକ୍ଷରୁ ଆତଙ୍କବାଦୀ ଭିତ୍ତିଭୂମି ଗୁଡ଼ିକୁ ନଷ୍ଟ କରି ଦିଆଯାଉଛି । ଏଥିସହ ଆତଙ୍କବାଦୀ ଗୋଷ୍ଠୀର ସଦସ୍ୟ ମଧ୍ୟ ବହୁ ପରିମାଣରେ ନିହତ ହେଉଥିବା ସେ ସୂଚନା ଦେଇଛନ୍ତି । ଗତ ଦଶନ୍ଧି ଧରି ହିଜ୍‌ବୁଲ୍ଲା ନିର୍ମିତ ସୁଡ଼ଙ୍ଗଗୁଡ଼ିକୁ ନଷ୍ଟ କରିଦିଆଯାଇଛି ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ଘୋଷଣା କରିଛି । ଦକ୍ଷିଣ ଲେବାନନର କ୍ୱାଣ୍ଟାରା ଡିଭିଜନ୍‌ରେ ଆତଙ୍କବାଦୀ ଗୋଷ୍ଠୀ ଦ୍ୱାରା ବ୍ୟବହୃତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂତଳ ଆଡ୍ଡା ସ୍ଥଳୀକୁ ଚିହ୍ନଟ କରାଯାଇଥିଲା । ଇରାନ୍‌ର ଆର୍ଥିକ ସହାୟତାରେ ନିର୍ମିତ ଏହି ଆଡ୍ଡା ସ୍ଥଳୀକୁ ଗତକାଲି ୪୫୦ ଟନ୍ ବିସ୍ଫୋରକ ସାହାଯ୍ୟରେ ନଷ୍ଟ କରି ଦିଆଯାଇଛି ବୋଲି ଇସ୍ରାଏଲ୍ ସେନା କହିଛି ।

# ଆର୍‌ବିଆଇ

ସହରାଞ୍ଚଳ ବ୍ୟାଙ୍କ ସେବା କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଲକ୍ଷ୍ୟ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ମିଶନ୍ ସକ୍ଷମ କାର୍ଯ୍ୟକାରୀ କରାଯାଇଛି । ପରିଚାଳନାଗତ ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ତଥା ଅନୁପାଳନକୁ ସୁ-ବ୍ୟବସ୍ଥିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ । ମିଶନ୍ ଅଧୀନରେ ସହରାଞ୍ଚଳ ସମବାୟ ବ୍ୟାଙ୍କ୍ କ୍ଷେତ୍ର କର୍ମଚାରୀଙ୍କ ପାଇଁ ଇ-ଶିକ୍ଷା ପାଠ୍ୟକ୍ରମ ମାଧ୍ୟମରେ ତାଲିମ୍ ପ୍ରଦାନର ବ୍ୟବସ୍ଥା ହୋଇଛି । ଏଥିରେ ୧ କୋଟି ୪୦ ଲକ୍ଷରୁ ବ୍ୟାଙ୍କ କର୍ମକର୍ତ୍ତା ଯୋଗଦେବାର ସମ୍ଭାବନା ରହିଛି । ଆଞ୍ଚଳିକ ଭାଷାରେ ପ୍ରସ୍ତୁତ ଏହି ପାଠ୍ୟକ୍ରମକୁ ବୋର୍ଡ଼ ସଦସ୍ୟ, ବରିଷ୍ଠ ପରିଚାଳକ ତଥା ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଅଂଶଗ୍ରହଣ କରି ତାଲିମ୍ ପ୍ରଦାନ କରିବେ ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ କ୍ରିକେଟର ଗତକାଲିର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ବିଜୟୀ ହୋଇଛି । ନ୍ୟୁ-ଚଣ୍ଡିଗଡ଼ ଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ' ପଞ୍ଜାବ କିଙ୍ଗସ୍‌କୁ ୬ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ରାଜସ୍ଥାନ ରୟାଲ୍ସ ପ୍ରଥମେ

ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ପଞ୍ଜାବ କିଙ୍ଗସ୍ ୪ ୱିକେଟ୍ ବିନିମୟରେ ୨୨୨ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ମାର୍କସ୍ ଷ୍ଟୋଇନିସ୍ ସର୍ବାଧିକ ୬୨ ଏବଂ ପ୍ରଭ୍ ସିମରନ୍ ସିଂହ ୫୯ରନ୍ ସଂଗ୍ରହ କରିଥିଲେ । ୨୨୩ରନ୍‌ର ବିଜୟ ଲକ୍ଷ୍ୟକୁ ରାଜସ୍ଥାନ ରୟାଲ୍ସ ୧୯ ଓଭର ୨ଟି ବଲ୍‌ରେ ୪ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଦଳ ପକ୍ଷରୁ ଡୋନାଭାନ୍ ପେରେରା ଅପରାଜିତ ୫୨ରନ୍ ଏବଂ ଯଶସ୍ୱୀ ଜୟସ୍ୱାଲ୍ ୫୧ରନ୍ ସଂଗ୍ରହ କରିଥିଲେ । ପେରେରାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି ।

ଆଜି ମୁମ୍ବାଇ ଇଣ୍ଡିଆନ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ମଧ୍ୟ ମ୍ୟାଚ୍ ଖେଳାଯିବ । ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍ ଠାରେ ସନ୍ଧ୍ୟା ସାଢ଼େ ସାତଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।